## ଜାତୀୟ ବାତଜ୍ୱର ନିରାକରଣ କାର୍ଯ୍ୟକ୍ରମରେ ସାମୁହିକ ଔଷଧ ସେବନ-

### Mass Drug administration to eliminate Lymphatic Fileriasis.

### ୧୨ ଲକ୍ଷ ୧୯ ହଜାର ୮୦୯ଜଣଙ୍କୁ ବଣ୍ଟନ ହେବ ଔଷଧ ।

ଜିଲ୍ଲାରୁ ବାତଜ୍ୱର (Fileriasis) ର ନିରାକରଣ ନିମନ୍ତେ ଆଜି ଆରମ୍ଭ ହେଲା ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ । ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ଜାତୀୟ ବାତଜ୍ୱର ନିରାକରଣ ନିମନ୍ତେ ହେଉଥିବା ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଅମରେନ୍ଦ୍ରନାଥ ମହାନ୍ତି ଆନୁଷ୍ଠାନିକ ଭାବେ ନିଜେ ଔଷଧ ସେବନ କରି ଶୁଭାରମ୍ଭ କରିଥିଲେ । ୧୧ ରାଉଣ୍ଡ ବିଶିଷ୍ଟ ଏହି କାର୍ଯ୍ୟକ୍ରମରେ ଜିଲ୍ଲାରୁ ୧୨ ଲକ୍ଷ ୧୯ ହଜାର ୮୦୯ଜଣ ଆଜି ସାମୁହିକ ଔଷଧ ସେବନ କରିବେ । ଯେଉଁମାନେ ରହିଯିବେ ସେମାନେ ୯ ଓ ୧୦ ତାରିଖରେ ଖାଇବେ । ଔଷଧ ସେବନରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ । ଜିଲ୍ଲାରୁ ଏହି ରୋଗକୁ ସମ୍ପୂର୍ଣ୍ଣ ନିରକରଣ କରିବା ନିମନ୍ତେ ସମସ୍ତେ ସହଯୋଗ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଆହ୍ୱାନ କରିଥିଲେ । ଜିଲ୍ଲା ମ୍ୟାଲେରିଆ ଅଧିକାରୀ ଡା.ବିଶ୍ୱ ବିହାରୀ ମହାନ୍ତି ବାତଜ୍ୱର ନିରାକରଣ ନିମନ୍ତେ ଅନୁଷ୍ଠିତ ହେଉଥିବା ସାମୁହିକ ଔଷଧ ସେବନ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ପ୍ରସ୍ତୁତ ହୋଇଥିବା ତଥ୍ୟ ଅନୁଯାୟୀ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ପାଇଁ ୨୫୫୦ ଜଣ ଔଷଧ ବିତରକ ଏବଂ ୨୫୫ ଜଣ ସୁପରଭାଇଜର ନିୟୋଜିତ ହୋଇଛନ୍ତି । ସମୁଦାୟ ୧୭୫ଟି କେନ୍ଦ୍ରରେ ୩୦ଲକ୍ଷ ୯୮ ହଜାର ୬୦୦ ଡି ଇ ସି ବଟିକା ଓ ୧୨ଲକ୍ଷ ୧୯ ହଜାର ୮୦୯ ଆଲବେଣ୍ଡାଜୋଲ ବଟିକା ପ୍ରଦାନ କରାଯାଇଛି । ଆଶା ଓ ଅଂଗନୱାଡି କର୍ମୀମାନେ ଏହି କାର୍ଯ୍ୟକୁ ପ୍ରତ୍ୟକ୍ଷ ଭାବରେ ତଦାରଖ କରିବେ ।

ପ୍ରକାଶଥାଉକି ୨୦୧୭ ମସିହାରେ ଜିଲ୍ଲାରେ ୨୨୦୦ ବାତଜ୍ୱର ରୋଗୀ ଥିବା ବେଳେ ୨୦୧୮ରେ ୨୦୪୧ଜଣ ରୋଗୀ ଥିବାର ଜିଲ୍ଲା ମ୍ୟାଲେରିଆ ଅଧିକାରୀ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯକ୍ଷ୍ମା ନିରାକରଣ ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନ , ସମଗ୍ର ଶିକ୍ଷା ଅଭିଯାନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ନିରଂଜନ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ, ସ୍ୱେଚ୍ଛାସେବୀ ଶ୍ରୀ ପର୍ଶୁରାମ ଦାସଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ, ଆଶା ଓ ଅଂଗନୱାଡି କର୍ମୀମାନେ ଯୋଗ ଦେଇଥିଲେ ।


ଶୁଭ ଉଦ୍‌ଘାଟନ
ସାମୁହିକ ଔଷଧ ସେବନ - ୨୦୧୯
ଜାତୀୟ ବାତଜ୍ୱର ନିରାକରଣ କାର୍ଯ୍ୟକ୍ରମ
ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଅନୁଗୋଳ